**ମହୁଡା ଡବଲ ମର୍ଡର ଘଟଣା: ଫେରାର ୩ ଅଭିଯୁକ୍ତ ଗିରଫ**

ଦିଗପହଣ୍ଡି, (ଅଶେଷ ନାଥ ମିଶ୍ର): ଦିଗପହଣ୍ଡି ଥାନା ଅନ୍ତର୍ଗତ ମହୁଡା ଗ୍ରାମ ପୋଖରୀ ହିଡରେ ଲାଠି ଗ୍ରାମର ବିଘ୍ନରାଜ ପୁରୋହିତ ଓରଫ୍ ଲିଟୁ ଓ ଶିବରାମ ଗୌଡ ନାମକ ଦୁଇ ଯୁବକଙ୍କୁ ଜୁନ ୨୮ ବିଳମ୍ବିତ ରାତିରେ ହତ୍ୟା କରି ପୋଡ଼ି ଦିଆଯାଇଥିଲା। ଏହି ଘଟଣାରେ ପୋଲିସ ଫେରାର ଥିବା ୩ ଅଭିଯୁକ୍ତଙ୍କୁ ଶୁକ୍ରବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ମହୁଡା ଗ୍ରାମର ଟୁକୁନା ନାହାକ, କୃଷ୍ଣ ସାହୁ, ଜଗନ୍ନାଥ ଦଳେଇ। ଏହାପୂର୍ବରୁ ପୋଲିସ ଏହି ମାମଲାରେ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଛି।

## ସଂକ୍ଷେପରେ

### ଆକ୍ରମଣ ଅଭିଯୋଗ: ୬ ଗିରଫ

ବ୍ରହ୍ମପୁର,୧୯(ସୁବାସ ଚନ୍ଦ୍ର ପାଢ଼ୀ)

ବୈଦ୍ୟନାଥପୁର ପୋଲିସ ଶୁକ୍ରବାର ଜଣେ ଯୁବ ବ୍ୟବସାୟୀଙ୍କୁ ମରଣାନ୍ତକ ଆକ୍ରମଣ ଅଭିଯୋଗରେ ୬ ଯୁବକଙ୍କୁ ଗିରଫ କରିଛି। ସେମାନେ ହେଲେ ଆଙ୍କୁଲି ଅଞ୍ଚଳର ବିକ୍ରମ ମଣ୍ଡଳ, ଚନ୍ଦନ ନାୟକ, କାହ୍ନ ସୁବୁଦ୍ଧି, ଏଲ. ଆଶିଷ କୁମାର ଦାସ, ଗୋପାଳ ନାୟକ ଓ ଲିଟୁ ବଡ଼ଜେନା। ମାମଲା ନମ୍ବର ୪୧୯/୨୩ ରେ ଗିରଫ ଅଭିଯୁକ୍ତ ମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଙ୍କୁଲି ମାଳିସାହିର ସମୀର ମଣ୍ଡଳଙ୍କ ସପ୍ଲାଇଏର୍ସ ଦୋକାନ ରହିଛି। ଗୁରୁବାର ରାତ୍ର ୧୧ଟାରେ ସମୀର ଓ ତାଙ୍କର ଦୁଇ ସାଙ୍ଗ ଉକ୍ତ ଦୋକାନରେ ବସି କୌଣସି ହିସାବ କରୁଥିଲେ। ସେଠାରେ ବିକ୍ରମ ଓ ତାଙ୍କର ସହଯୋଗୀ ପହଞ୍ଚି ଝଗଡା କରିଥିଲେ। ସମୀର ଏହାର ପ୍ରତିବାଦ କରିଥିଲେ। ବିକ୍ରମ ସମୀରଙ୍କୁ ୧୦ହଜାର ଟଙ୍କା ବଟି ମାଗିଥିଲେ। ସେ ଦେବାକୁ ମନା କରିବାରୁ ବିକ୍ରମ ଓ ତାଙ୍କ ସହଯୋଗୀମାନେ ଦୋକାନରେ ପଶି ସମୀରଙ୍କୁ ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ କରିଥିଲେ।

### ସଟ୍ଟା ଖେଳ ମାମଲା: ୭ ନିର୍ଦ୍ଦୋଷ

ବ୍ରହ୍ମପୁର,୧୯ (ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) ଶିବାନୀ ମିଶ୍ର ଶୁକ୍ରବାର ଏକ ସଟ୍ଟା ଖେଳକୁ ନେଇ ଚାଲିଥିବା ମାମଲାର ରାୟ ପ୍ରକାଶ କରିଛନ୍ତି। ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଘଟଣାର ୧୩ ବର୍ଷ ପରେ ୭ ଜଣଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ୨୦୧୦ ଅଗଷ୍ଟ ୨୫ ତାରିଖରେ ଟାଉନ ଥାନା ଅନ୍ତର୍ଗତ ଦଳୁଆ ସାହି ନିକଟରେ ଥିବା ନିୟୁ ପ୍ଲାଜା ମାର୍କେଟ କମ୍ପ୍ଲେକ୍ସର ୭ନମ୍ବର କୋଠରୀରେ ସଟ୍ଟା ଖେଳ ଚାଲୁଥିବା ପୋଲିସକୁ ଖବର ମିଳିଥିଲା। ପୋଲିସ ଚଢ଼ାଉ କରି ଜ୍ଞୁର ମହାରଣାଙ୍କ ସମେତ ୭ଜଣଙ୍କୁ ଗିରଫ କରିଥିଲା। ସେଠାରୁ ୫ଲକ୍ଷ ୨୧୭ ଟଙ୍କା, ମନିଟର, ସିପିୟୁ, ରାଜାରାଣୀ ଲଟେରୀ ଟିକେଟ ଇତ୍ୟାଦି ଜବତ କରାଯାଇଥିଲା। ମାମଲା ନମ୍ବର ୧୦୭/୧୦ ରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ପରେ ତତ୍କାଳୀନ ଟାଉନ ଥାନା ଅଧିକାରୀ ତଥା ତଦନ୍ତକାରୀ ଅଧିକାରୀ ଶିବ ଶଙ୍କର ମହାପାତ୍ର କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ କୋର୍ଟରେ ୧୦ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଏହାକୁ ଆଧାର କରି ପ୍ରମାଣ ଅଭାବରୁ ବିଚାରପତି ୭ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ମୁଦାଲାଙ୍କ ପକ୍ଷରୁ ପ୍ରଦୀପ କୁମାର ଶତପଥୀ ମକଦ୍ଦମା ପରିଚାଳନା କରୁଥିଲେ।

### କାର୍ଯ୍ୟରେ ଯୋଗଦେଲେ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ

ଭଞ୍ଜନଗର,୧୯(ଡି.ଏନ.ଏ)

ଜଗନ୍ନାଥପ୍ରସାଦ ବ୍ଲକ ଗୁଡ଼ାପଦର ପଞ୍ଚାୟତ ଘୋଗଡ଼ ବାସିନ୍ଦା ତଥା ଅବସରପ୍ରାପ୍ତ ରେଞ୍ଜର ବିଦ୍ୟାଧର ଜାନିଙ୍କୁ ରାଜ୍ୟ ସରକାର ୨ବର୍ଷ ପାଇଁ ଗଞ୍ଜାମ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଦାୟିତ୍ୱ ଦେଇଛନ୍ତି। ଶୁକ୍ରବାର ସେ ଛତ୍ରପୁରରେ ପହଞ୍ଚି କାର୍ଯ୍ୟରେ ଯୋଗ ଦେଇଥିଲେ। ପରେ ସେ ବିଭାଗୀୟ ଅଧିକାରୀମାନଙ୍କୁ ଚିଠି ମାଧ୍ୟମରେ ଜଣାଇଛନ୍ତି।

# ରାସ୍ତା କାମ ବିଳମ୍ବ ନେଇ ୬ ପଞ୍ଚାୟତବାସୀଙ୍କ ଧାରଣା


ଧାରଣାରତ ସରପଞ୍ଚ ଓ ଗ୍ରାମବାସୀ

ବ୍ରହ୍ମପୁର,୧୯(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ସହର ଉପକଣ୍ଠସ୍ଥ କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଲୋଚାପଡା ହନୁମାନ ମନ୍ଦିରଠାରୁ ନିମଖଣ୍ଡି, ଜଗଦଲପୁର, ବୋରିଗାଁ, ବରପଲୀ, ମହୁଲପଲୀଠାରୁ ଦୟାପଲୀ ଯାଏ ରାସ୍ତାର ଉନ୍ନତୀକରଣ ଦାବି ନେଇ ଶୁକ୍ରବାର ୬ଟି ପଞ୍ଚାୟତର ସରପଞ୍ଚ ଓ ଗ୍ରାମବାସିନ୍ଦା ଲୋଚାପଡା-ନିମଖଣ୍ଡି ମୁଖ୍ୟରାସ୍ତା ପାର୍ଶ୍ୱରେ ଧାରଣା ଦେଇଥିଲେ। ସରପଞ୍ଚ ଓ ଗ୍ରାମବାସୀଙ୍କ କହିବାନୁଯାୟୀ, ଉକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୧୯ କୋଟି ୧୧ ଲକ୍ଷ ଟଙ୍କାର ଅନୁଦାନ ମିଳିଛି। ଏହାପରେ କାର୍ଯ୍ୟ ଆରମ୍ଭ ହୋଇଥିଲା। ହେଲେ ଏବେ ରାସ୍ତା କାର୍ଯ୍ୟ ବନ୍ଦ ହୋଇଯାଇଛି। ରାସ୍ତା ନିର୍ମାଣସ୍ଥଳରେ ଏ ବାବଦରେ କୌଣସି ସୂଚନା ମଧ୍ୟ ଦିଆଯାଇନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ନିମଖଣ୍ଡି, ଲୋଚାପଡା, ଜଗଦଲପୁର, ବୋରି ଗାଁ, ମସିହାଖାଲି ଓ ଦୟାପଲୀ ପଞ୍ଚାୟତର ଜନ ସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ସରପଞ୍ଚ ଓ ଅଞ୍ଚଳବାସୀ ରାସ୍ତା ଏବଂ କୋଠାବାଡି ବିଭାଜନ-୨କୁ ବାରମ୍ବାର ଲିଖିତ ଭାବେ ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ଗ୍ରହଣ କରାଗଲା

### ପ୍ରତିଶ୍ରୁତି ପରେ ପ୍ରତ୍ୟାହୃତ

ନାହିଁ। ତେଣୁ ଧାରଣା ଦିଆଯାଇଥିଲା। ଦୀର୍ଘ ସମୟ ଧାରଣା ପରେ ୧ ପ୍ଲାଟୁନ ଫୋର୍ସ ଓ ନିମଖଣ୍ଡି ଥାନାଧିକାରୀ ଭାବାନନ୍ଦ ପ୍ରଧାନ ଏବଂ ଏସଆଇ ଜ୍ୟୋତି ରଞ୍ଜନ ବେହେରା ପହଞ୍ଚି ବୁଝାଶୁଝା କରିଥିଲେ। ଲିଖିତ ପ୍ରତିଶ୍ରୁତି ପରେ ଧାରଣାରୁ ଓହରିବୁ ବୋଲି ସରପଞ୍ଚ ଓ ଗ୍ରାମବାସୀ କହିଥିଲେ। ପରେ ଧାରଣା ସ୍ଥଳରେ ପୂର୍ତ୍ତ ବିଭାଗ ଯନ୍ତ୍ରୀ ସତ୍ୟବାନ ପଟେଲ ଓ ନିବେଦିତା ସେଠୀ ପହଞ୍ଚି ଆସନ୍ତା ଅକ୍ଟୋବର ୧ରୁ ରାସ୍ତାର ପୁନଃ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଧାରଣାରେ ନିମଖଣ୍ଡି ସରପଞ୍ଚ ଶଶି ବେହେରା, ଲୋଚପଡା ସରପଞ୍ଚ ଏଲ ମୋହନ ଦାସ, ଜଗଦଲପୁର ସରପଞ୍ଚ କ୍ରାନ୍ତି କୁମାରୀ ଦେବୀ, ବୋରି ଗାଁ ସରପଞ୍ଚ ପ୍ରତିନିଧି କୃଷ୍ଣଚନ୍ଦ୍ର ସାହୁ, ମସିହାଖାଲି ସରପଞ୍ଚ କେ ବୁଲୁ, ରୋହି ଗାଁ ସରପଞ୍ଚ ବଶିଷ୍ଠ ଜେନା, ପୂର୍ବତନ ସରପଞ୍ଚ ପ୍ରଦୀପ କୁମାର ବେହେରା, ୱାର୍ଡ ମେମ୍ବର ସମୀର କୁମାର ରଥଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

bmpselfie@gmail.com


@ ମାନସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ମୃତଦେହ ଛାଡ଼ିବା ପାଇଁ ଲାଞ୍ଚ ଅଭିଯୋଗ

ବ୍ରହ୍ମପୁର,୧୯ (ସୁବାସ ଚନ୍ଦ୍ର ପାଢ଼ୀ)

### ଏମକେସିଜିରେ ରୋଗୀ ଶୋଷଣ

ଏମକେସିଜି ମେଡିକାଲରେ ରୋଗୀସେବା ପାଇଁ ବିଭିନ୍ନ ସମୟରେ ଲାଞ୍ଚ ମଗାଯାଉଥିବା ଅଭିଯୋଗ ଆସୁଛି। ଏବେ ମୃତଦେହ ଛାଡ଼ିବା ପାଇଁ ମଧ୍ୟ ସମ୍ପର୍କୀୟଙ୍କୁ ଟଙ୍କା ମାଗିଥିବା ଅଭିଯୋଗ ଆସିଛି। ଏଭଳି ଅଭିଯୋଗ ଆସିବା ପରେ ବିଭାଗୀୟ ତଦନ୍ତ ଆରମ୍ଭ ହୋଇଛି।

ଆସିକାରୋଡ଼ ଶ୍ରୀରାମନଗର ନିକଟସ୍ଥ ଗଙ୍ଗାଧରନଗର ନିବାସୀ ପର୍ଶୁରାମ ସାହୁ ଅସୁସ୍ଥ ହେବାରୁ ତାଙ୍କୁ ଏମକେସିଜିରେ ଭର୍ତ୍ତି କରାଯାଇଥିଲା। ଝାଡ଼ାବାନ୍ତି ଲାଗି ରହି ରକ୍ତଚାପ କମିଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଆଇସିୟୁରେ ରଖାଯାଇଥିଲା। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଆଇସିୟୁରୁ ମୃତଦେହ ବାହାର କରିବା ପାଇଁ ଜଣେ କର୍ମଚାରୀ ୫ଶହ ଟଙ୍କା ମାଗିବାରୁ ପୁଅ ପର୍ଶୁରାମଙ୍କ ପୁଅ ମହେନ୍ଦ୍ର ସାହୁ ବାଧ ହୋଇ ତାହା ଦେଇଥିଲେ। ଏହାପରେ ପୁଣି ଜଣେ ଆଟେଣ୍ଡାଣ୍ଟ ସେଠାକୁ ଆସି ୫ଶହ ଟଙ୍କା ମାଗିଥିଲେ ବୋଲି ସମ୍ପର୍କୀୟ ବସନ୍ତ ସାହୁ ଅଭିଯୋଗ କରିଛନ୍ତି। ୫ଶହ ଟଙ୍କାକୁ ନେଇ ୨ ଜଣ ଆଟେଣ୍ଡାଣ୍ଟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସେମାନେ ମୃତଦେହ ନ ଛାଡ଼ିବାରୁ ବାଧ ହୋଇ ପରିବାରବର୍ଗ ପୋଲିସକୁ ଖବର କରିଥିଲେ। ପୋଲିସ ସେଠାରେ ପହଞ୍ଚିଥିଲା। ତଥାପି ସେମାନେ ମୃତଦେହ ଛାଡ଼ି ନ ଥିଲେ। କିଛି ସମୟ ପାଇଁ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ବିଳମ୍ବିତ ରାତିରେ ଶେଷରେ ମୃତକଙ୍କ ଅନ୍ୟ ସମ୍ପର୍କୀୟ ମାନେ ସେଠାରେ ପହଞ୍ଚି ମୃତଦେହ ନେଇଥିଲେ। ଏମକେସିଜି ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡା କହିଛନ୍ତି ଗୁରୁବାର ରାତ୍ରର ଘଟଣା ସାମାଜିକ ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଆମେ ଜାଣିବାକୁ ପାଇଲୁ। ଶୁକ୍ରବାର ସମ୍ପୃକ୍ତ କର୍ମଚାରୀଙ୍କୁ ଡ଼ାକି ପଚରାଉଚରା କରିବା ସହ ତାଙ୍କୁ ନିଲମ୍ବନ କରାଯାଇଛି ବୋଲି ସେ କହିଛନ୍ତି।

### ପୋଖରୀରେ ବୁଡ଼ି ୨ ଶିଶୁଙ୍କ ମୃତ୍ୟୁ

ବାଲିଗୁଡ଼ା/ଦାରିଙ୍ଗବାଡ଼ି,୧୯ (ସଞ୍ଜୟ କୁମାର ପାଣିଗ୍ରାହୀ/ଅରୁଣ ସାହୁ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅନ୍ତର୍ଗତ ଗୁମିକିଆ ପଞ୍ଚାୟତ ରାଣୀପଦର ଗ୍ରାମରେ ୨ ଜଣ ଶିଶୁ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେମାନେ ହେଲେ ରାଣୀପଦର ଗ୍ରାମର ପିତସ ପ୍ରଧାନ ଓ ଲଳିତ ପ୍ରଧାନଙ୍କ ପୁଅ ହିମାଂଶୁ ଓ ସଲଟିଜନ। ଶୁକ୍ରବାର ଅପରାହ୍ନରେ ପିତସ ପ୍ରଧାନଙ୍କ ସ୍ତ୍ରୀ ଏଷ୍ଟୋରୀ ନିକଟସ୍ଥ କୁଆକୁ ପାଣି ଆଣିବା ପାଇଁ ଯିବା ସମୟରେ ତିନିଜଣ ଶିଶୁ ତାଙ୍କ ସହିତ ଯାଇଥିଲେ। ତେବେ ଏଷ୍ଟୋରୀ ଫେରିବା ପୂର୍ବରୁ ସେମାନେ ଫେରି ଆସିଥିଲେ। ହିମାଂଶୁ ଓ ସଲଟିଜନ ବାଟରେ ଥିବା ଏକ ପୋଖରୀରେ ପଡ଼ିଯାଇଥିଲେ। ଅନ୍ୟ ଶିଶୁଟି ଘରକୁ ଆସି ଜଣାଇବା ପରେ ପରିବାର ଲୋକେ ପୋଖରୀ ନିକଟକୁ ଯାଇ ଉଭୟ ଶିଶୁଙ୍କୁ ଉଦ୍ଧାର କରି ପ୍ରଥମେ ବୁଡାଗୁଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ନ ଥିବାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### ଗଞ୍ଜାମ ଜିଲାରୁ ୩ ଜଣ ପାଇବେ ଏନ୍ଏସ୍ଏସ ପୁରସ୍କାର

ବ୍ରହ୍ମପୁର,୧୯ (ତନୁଶ୍ରୀ ନାହାକ)


ସ୍ୱରାଜ ମହାନ୍ତି


ମୋହିନୀ ପାତ୍ର

ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଗତ ଗୁରୁବାର ଜାତୀୟ ସେବା ଯୋଜନା (ଏସ୍ଏସ୍ଏସ୍) ରାଜ୍ୟ ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୨୦୨୨-୨୩ ବର୍ଷ ପାଇଁ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟରେ କାର୍ଯ୍ୟରତ ଜାତୀୟ ସେବା ଯୋଜନା ଅଧିକାରୀ ଓ ଶ୍ରେଷ୍ଠ ୟୁନିଟ୍‌ର ଅଧିକାରୀ, ଚାରାରୋପଣ, ରକ୍ତଦାନରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ୟୁନିଟ୍ ଏବଂ ଶ୍ରେଷ୍ଠ ସ୍ୱେଚ୍ଛାସେବୀଙ୍କୁ ମଧ୍ୟ ପୁରସ୍କୃତ କରାଯିବାକୁ ଥିବାବେଳେ ଏଥିନିମନ୍ତେ ଗଞ୍ଜାମ ଜିଲାରୁ ୩ ଜଣ ସ୍ୱେଚ୍ଛାସେବୀଙ୍କୁ ମନୋନୀତ କରାଯାଇଛି। ସେମାନଙ୍କୁ ଟ୍ରଫି, ଅର୍ଥରାଶି, ପଦକ ଓ ପ୍ରମାଣପତ୍ର ପ୍ରଦାନ କରାଯିବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ଶକ୍ତି ରଞ୍ଜନ ଦାଶଙ୍କୁ ଶ୍ରେଷ୍ଠ ୟୁନିଟ ତଥା ଅଧିକାରୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ବ୍ୟବସାୟ ପ୍ରଶାସନିକ ବିଭାଗର ଛାତ୍ର ସ୍ୱରାଜ ମହାନ୍ତି ଓ କ୍ଷେତ୍ର ମୋହନ ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀ ମୋହିନୀ ପାତ୍ରଙ୍କୁ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ପୁରସ୍କାର ନିମନ୍ତେ ମନୋନୀତ କରାଯାଇଛି। ସେହିପରି ବିଗତ ବର୍ଷରେ ଜାତୀୟ ସେବା ଯୋଜନା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଅନେକ ସେବାମୂଳକ କାର୍ଯ୍ୟକ୍ରମ ଓ ସଚେତନତା ଶିବିର ମାନ ଆୟୋଜନ କରାଯାଇଛି। ମହିଳା ମାସିକ ଋତୁସ୍ରାବ ଜନିତ ସ୍ୱଚ୍ଛତା, ଡିଜିଟାଲ ସାକ୍ଷରତା, ସ୍ୱଚ୍ଛ ଭାରତ ଓ ସ୍ୱଚ୍ଛ ପରିବେଶ, ରକ୍ତଦାନ ଶିବିର, ମାନବ ଶୃଙ୍ଖଳରେ ଭାରତ ମାନଚିତ୍ର, ଜିଲା ଯୁବ ନେତୃତ୍ୱ ଶିବିର, ସମୁଦ୍ର ବେଳାଭୂମି ସ୍ୱଚ୍ଛତା ସଚେତନତା ଓ ଏକତା କାର୍ଯ୍ୟକ୍ରମ ଏହାର ଅନ୍ତର୍ଭୁକ୍ତ।

# ନିଷ୍ଟରେ ନବାଗତ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା


କାର୍ଯ୍ୟକ୍ରମରେ ଉପସ୍ଥିତ ନିଷ୍ଟର କର୍ମଚାରୀ ଓ ଛାତ୍ରୀଛାତ୍ର ବୃନ୍ଦ।

ବ୍ରହ୍ମପୁର/ଗୋପାଳପୁର,୧୯ (ସ୍ମୃତି ରଞ୍ଜନ ମହାଲିକ/ନବୀନରାଜ ଆଚାରୀ)

ନିଷ୍ଟ ପକ୍ଷରୁ ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିଲାଗି ଆୟୋଜିତ ସଭାରେ ନିଷ୍ଟର ପ୍ରତିଷ୍ଠାତା ତଥା ଚେୟାରମ୍ୟାନ ଡ. ସୁକାନ୍ତ କିଶୋର ମହାପାତ୍ର ଭିସି ମାଧ୍ୟମରେ ଯୋଗ ଦେଇଥିଲେ। ନିଷ୍ଟ ଅଧ୍ୟକ୍ଷ ଡ. ଏମ ସୁରେଶ, ବ୍ୟାଚ କୋଅର୍ଡିନେଟର ପ୍ରଫେସର ରବିନ୍ଦ୍ର କୁମାର ଶିଆଳ, କମ୍ପ୍ୟୁଟର ବିଭାଗ ମୁଖ୍ୟ ଡ. ସୁଧୀର ରଞ୍ଜନ ପଟ୍ଟନାୟକ, ବିଦ୍ୟୁତିକ ବିଭାଗ ମୁଖ୍ୟ ଡ. ସଚିଦାନନ୍ଦ ପଧାନ, ଯାନ୍ତ୍ରିକ ବିଭାଗ ମୁଖ୍ୟ ଡ. ସୋରନ ମିଶ୍ର ଓ ସିଭିଲ ବିଭାଗ ମୁଖ୍ୟ ଡ. ବରଦା ସେଠୀ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ୪ଦିନ ଚାଲିବ। ଏଥିରେ ବିଭିନ୍ନ ବିଭାଗର ଛାତ୍ରୀଛାତ୍ରଙ୍କୁ ଉଚ୍ଚକୋଟୀର ଶିକ୍ଷା ସହ ମୂଲ୍ୟବୋଧ ଓ ନିଜ ଭବିଷ୍ୟତ ଗଠନ ଉପରେ ପରାମର୍ଶ ଦିଆଯିବ। ଅନ୍ୟମାନଙ୍କ ମଧ୍ୟରେ ଆଡମିନ ମୁଖ୍ୟ ସୟଦ ସୟଦ ସୁଲେମାନ ଅଲୀ, ଆକାଉଣ୍ଟ ମୁଖ୍ୟ କୈଳାସ ମଲିକଙ୍କ ସମେତ ପ୍ରଫେସର ସୀମାଚଂଳ ପାଣିଗ୍ରାହୀ, ଡ ଭାସ୍କର ଗୌଡ, ଡ ବିଷ୍ଣୁକର ନାୟକ ଓ ଡ ବ୍ରଜ କିଶୋର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବାଲ୍ୟବିବାହ ରୋକିବାକୁ ସଚେତନତା

ସୋରଡା,୧୯ (ଲମ୍ବୋଦର ପାଣିଗ୍ରାହୀ)

ଗଞ୍ଜାମ ଜିଲା ଜନକଲ୍ୟାଣ ପ୍ରତିଷ୍ଠାନ ଆନୁକୂଲ୍ୟରେ କୈଳାଶ ସତ୍ୟାର୍ଥୀ ଚିଲଡ୍ରେନ ଫାଉଣ୍ଡେସନ ଦ୍ୱାରା ବାଲ୍ୟ ବିବାହ ସଚେତନତା କର୍ମଶାଳା ସ୍ଥାନୀୟ ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଦେଶକୁ ବାଲ୍ୟ ବିବାହ ମୁକ୍ତ କରିବା, ଶିଶୁ ଚାଲାଣ, ଶିଶୁ ଯୌନ ନିର୍ଯାତନା ବନ୍ଦ କରିବା ଉପରେ ଆଲୋଚନା ହୋଇଥିଲା। ବି. ସିମାଞ୍ଚଳ ମଣ୍ଡଳ,ଏ ବି ସଞ୍ଜିବରାଜ ସେନାପତି, ସି ସରୋଜିନୀ ବେହେରା ପ୍ରମୁଖ ଏଥବରେ ଯୋଗ ଦେଇଥିଲେ। ଜନକଲ୍ୟାଣ ସଂଯୋଜକ ଅକ୍ଷୟ କୁମାର ମହାନ୍ତି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ମୋଟର ଚାଳକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ

ଫୁଲବାଣୀ,୧୯ (ରାକେଶ କୁମାର ରାଉତ)

ଫୁଲବାଣୀ ସ୍ଥିତ ଏକ ହୋଟେଲ ପରିସରରେ ଓଡିଶା ରାଜ୍ୟ ମୋଟର ଚାଳକ ସଂଘର ରାଜ୍ୟ କାର୍ଯ୍ୟକାରିଣୀ କମିଟି ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକ, ରାଜ୍ୟ ସଭାପତି ମୁକ୍ତିକାନ୍ତ ଦାସ, କଲ୍ୟାଣ ପାଣ୍ଠି ସଭାପତି ଦେବଦତ୍ତ ଡାକୁଆ, ସମ୍ପାଦକ ଗୁରୁ ପ୍ରସାଦ ପଣ୍ଡା ପ୍ରମୁଖ ଯୋଗଦେଇ ମୋଟର ଚାଳକମାନଙ୍କ ରହିଥିବା ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ସଦସ୍ୟତା ନବୀକରଣ କରିବା, ଆଜୀବନ ସଦସ୍ୟତା ଗ୍ରହଣ କରିବା, ବାର୍ଷିକ କଲ୍ୟାଣ ପାଣ୍ଠି ବୃଦ୍ଧି କରିବା, ଜିଲା କମିଟି ଗଠନ ସହ ଅନ୍ୟ ପ୍ରସ୍ତାବ ଉପରେ ଆଲୋଚନା ହୋଇଥିଲା। ସଂଘ ଜିଲା ସଭାପତି ବାସବ କହଁର, କୋରାପୁଟ ପଟାଙ୍ଗି ଶାଖା ସାଧାରଣ ସମ୍ପାଦକ ଶରତ କୁମାର ଧଳ, ରାଜ୍ୟର ସମସ୍ତ ଜିଲା ସଭାପତିଙ୍କ ସମେତ ଶାଖା ସମ୍ପାଦକ ବୈଠକରେ ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ କାର୍ଯ୍ୟକର୍ତ୍ତା।

# ଫାଟକ ଅବରୋଧ କରୁଛନ୍ତି ଠିକାଦାର

ଭଞ୍ଜନଗର,୧୯(ଡି.ଏନ.ଏ)

### ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟ


ଫାଟକ ସମ୍ମୁଖରେ ଏକ ମିନିଟ୍ରକ ଅଟକିଛି।

ଜାତୀୟ ଏବଂ ରାଜ୍ୟ ରାଜପଥ କଡ଼ରେ ଥିବା ବିଦ୍ୟାଳୟଗୁଡ଼ିକର ମୁଖ୍ୟ ଫାଟକ ରାସ୍ତାକୁ ରହିବନି ବୋଲି ନୂଆ ନିୟମ ହୋଇଛି। ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟର ମୁଖ୍ୟ ଫାଟକ ଜାତୀୟ ରାଜପଥ ପଟକୁ ଅଛି। ନୂଆ ନିୟମକୁ କାର୍ଯ୍ୟକାରୀ କରିବାକୁ ଯାଇ ବିଦ୍ୟାଳୟ କର୍ତ୍ତୃପକ୍ଷ କିଛିଦିନ ହେଲା ପଛ ଫାଟକ ବ୍ୟବହାର କରୁଛନ୍ତି। କିନ୍ତୁ ପଛ ରାସ୍ତାକୁ ଅଧିକାଂଶ ସମୟ ଜଣେ ଠିକାଦାରଙ୍କ କର୍ମଚାରୀମାନେ ଅବରୋଧ କରୁଥିବା ଦେଖାଯାଉଛି। ଯାହାଦ୍ୱାରା ଛାତ୍ରୀଛାତ୍ରମାନେ ବିଦ୍ୟାଳୟରୁ ବାହାରିବା ଏବଂ ଯିବା ସମୟରେ ଅନେକ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଶୁକ୍ରବାର ଅପରାହ୍ନରେ ଛାତ୍ରୀଛାତ୍ରମାନେ ପଛ ଫାଟକ ଦେଇ ବାହାରିବା ବେଳେ ଏକ ମିନିଟ୍ରକ ଫାଟକ ସମ୍ମୁଖରେ ଥିବାରୁ ଅସୁବିଧା ଭୋଗିଥିଲେ। ଆଗାମୀ ଦିନରେ ଏଭଳି ସମସ୍ୟା ଲାଗି ରହିଲେ ଅଭିଭାବକମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଜଣେ ଅଭିଭାବକ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଭଞ୍ଜନଗର କେନ୍ଦ୍ରୀୟ ବିଦ୍ୟାଳୟର ନିଜସ୍ୱ କୋଠା ନାହିଁ। ବହୁବର୍ଷ ହେବ କଲେଜର ଅବ୍ୟବହୃତ ଚକରା ବିଷୋୟୀ ଛାତ୍ରାବାସରେ କେନ୍ଦ୍ରୀୟ ବିଦ୍ୟାଳୟ ଚାଲିଛି। କେନ୍ଦ୍ରୀୟ ବିଦ୍ୟାଳୟକୁ ଲାଗି କଲେଜର ଏକ ନୂଆକୋଠା ବିଶ୍ୱବ୍ୟାଙ୍କ ସହାୟତାରେ ନିର୍ମାଣ ହେଉଛି। ତେଣୁ କୋଠା କାମ ପାଇଁ ବିଭିନ୍ନ ସମୟରେ ଆସୁଥିବା ଗାଡ଼ି ଗୁଡ଼ିକୁ କେନ୍ଦ୍ରୀୟ ବିଦ୍ୟାଳୟ ଫାଟକ ସମ୍ମୁଖରେ ନେଇ ରଖି ଦିଆଯାଉଛି।

# କୃଷକ ସଭାର ବିକ୍ଷୋଭ, ଦାବିପତ୍ର ପ୍ରଦାନ

ବ୍ରହ୍ମପୁର ,୧୯ (ନରସିଂହ ସାହୁ)

ସିପିଆଇର ଚାଷୀ ସଂଗଠନ ଅଖିଳ ଭାରତ କୃଷକ ସଭା (ଏଆଇକେଏସ) ପକ୍ଷରୁ ଶୁକ୍ରବାର ଗଞ୍ଜାମ ଜିଲାର ସବୁ ବ୍ଲକ ଅଫିସ ଆଗରେ ବିକ୍ଷୋଭ ସମାବେଶ କରାଯାଇଛି। କୃଷକଙ୍କ ସମସ୍ୟା ସମାଧାନରେ ସରକାରଙ୍କ ବିଫଳତା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଥିଲା। ସମସ୍ତ ବ୍ଲକରେ ସେଚ ବ୍ୟବସ୍ଥାକୁ ସୁନିଶ୍ଚିତ କରିବା, ଶୀତଳ ଭଣ୍ଡାର ନିର୍ମାଣ, ବନ୍ୟଜନ୍ତୁଙ୍କ ଦ୍ୱାରା ହେଉଥିବା ଫସଲ କ୍ଷତି ରୋକିବା, ଗତବର୍ଷର ଖରିଫ ଧାନ ମଣ୍ଡିରେ ଦେଇ ଏଯାବତ୍ ପ୍ରାପ୍ୟ ପାଇନଥିବା ଚାଷୀଙ୍କୁ ତୁରନ୍ତ ପୈଠ କରିବା ସମେତ ଅନ୍ୟାନ୍ୟ ସମସ୍ୟା ସମାଧାନ ନିମନ୍ତେ କୃଷକ ସଭା ଦାବି କରିଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବ୍ଲକ ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଥିବା ସିପିଆଇ ଜିଲା ସଂଗଠନ ପକ୍ଷରୁ ଜାରୀ ପ୍ରେସ୍ ବିଜ୍ଞପ୍ତିରେ ଦର୍ଶାଯାଇଛି।

**ଛତ୍ରପୁର(ସନ୍ତୋଷ ପାଢୀ):** ଅଖିଳ ଭାରତ କୃଷକ ସଭା ଛତ୍ରପୁର ବ୍ଲକ କମିଟି ପକ୍ଷରୁ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଶୁକ୍ରବାର ବିଡିଓଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବର୍ଷା ଅଭାବରୁ ଚାଷ କାର୍ଯ୍ୟ ବିଶେଷ ଭାବେ ପ୍ରଭାବିତ ହୋଇଛି। ଏହି ପରିସ୍ଥିତିକୁ ନଜରରେ ରଖି ଆବଶ୍ୟକ ପରିମାଣର ବିହନ, ସାର, କୀଟନାଶକ ଔଷଧ ମହଜୁଦ୍ ରଖିବାକୁ ନିବେଦନ କରାଯାଇଛି।

**ଆସିକା (ସୁରେନ୍ଦ୍ର ନାଥ ସାହୁ):** ଆସିକାରେ ପୀତବାସ ମହାପାତ୍ର, ଉପେନ୍ଦ୍ର ଭଞ୍ଜ, ପ୍ରଫୁଲ୍ଲ ନାହାକ, ରାଜେନ୍ଦ୍ର ଦାସ, ଭଜରାମ ଲେଙ୍କା, ଦେବହରି ମହାନ୍ତିଙ୍କ ସମେତ ବହୁ ଚାଷୀନେତା ବିକ୍ଷୋଭରେ ସାମିଲ ଥିଲେ। ପରେ ବିଡିଓ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ୧୬ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଥିଲା।

**ଧରାକୋଟ (ବିଷ୍ଣୁକେଶରୀ ଆଚାର୍ଯ୍ୟ):** ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଧରାକୋଟ ଏବିଡିଓ ସୁଶୀଲ କୁମାର ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଗଞ୍ଜାମ ଜିଲା ସଂପାଦକ ମଣ୍ଡଳୀ ସଦସ୍ୟ ବିଦେଶୀ ନାହକଙ୍କ ନେତୃତ୍ୱରେ କୃଷକମାନେ ବ୍ଲକ ସମ୍ମୁଖରେ ବିକ୍ଷୋଭ କରିବା ସହ ଦାବିପତ୍ର ଦେଇଥିଲେ।

**କୋଦଳା (ଅମିତ କୁମାର ପଟ୍ଟନାୟକ):** ଅଖିଳ ଭାରତ କୃଷକ ସଭାର ଶୁକ୍ରବାର ପ୍ରତିଷ୍ଠା ଦିବସ ଅବସରରେ ଚାଷୀଙ୍କ ସମସ୍ୟା ନେଇ ୧୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ଜିଲା କାର୍ଯ୍ୟକାରୀ ସଭାପତି ରଙ୍କନାଥ ସ୍ୱାଇଁଙ୍କ ନେତୃତ୍ୱରେ ବେଗୁନିଆପଡା ସ୍ୱପ୍ନେଶ୍ୱର ମନ୍ଦିର ପରିସରରୁ ଏକ ରାଲି କରି ବ୍ଲକ କାର୍ଯ୍ୟାଳୟ ଆସି ଦାବିପତ୍ର ପ୍ରଦାନ କରିବା ସହ ଚାଷୀଙ୍କ ସମସ୍ୟା ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି। ଏଥିରେ ଅଞ୍ଚଳ ସଭାପତି ସତ୍ୟବାଦୀ ସ୍ୱାଇଁ, ସମ୍ପାଦକ ନାରାୟଣ ସେଠି, ଜୟକୃଷ୍ଣ ନାହାକ, କମଳ ଲୋଚନ ଗୌଡ଼, ଲକ୍ଷ୍ମଣ ସ୍ୱାଇଁ, ଭାସ୍କର ପ୍ରଧାନ, କାଶୀନାଥ ଗୌଡ଼ଙ୍କ ସହ ପ୍ରମୁଖ ଉପସ୍ଥିତ ଥିଲେ।

**ପୋଲସରା(ସୁବ୍ରତ ବେହେରା):** ଅଖିଳ ଭାରତ କୃଷକ ସଭା ପୋଲସରା ଆଞ୍ଚଳିକ କମିଟି ପକ୍ଷରୁ ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଦାବିପତ୍ର ପ୍ରଦାନ ସମୟରେ ବରିଷ୍ଠ କୃଷକ ନେତା ଦଣ୍ଡପାଣି ସାମଲ, ଗଣପତି ସାହୁ, ଦୁର୍ଯୋଧନ ରାଉତ, ଜ୍ୟୋସ୍ନା ରାଣୀ ମହାରଣା, ଲକ୍ଷ୍ମୀ ପାତ୍ର, ରୁନୁ ସେଠୀ, ସୁନ୍ଦରୀ ନାହାକ, ସୀମା ପାତ୍ର, ମାଗି ନାହାକ, ଖଜା ନାହାକ, କଂଗ୍ରେସ ନାହାକ, ସଞ୍ଜୟ ପ୍ରଧାନ, ମାମି ସେଠୀ, ଅହଲ୍ୟା ସେଠୀ ଏବଂ ହରି ହର ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

**ଖଲ୍ଲିକୋଟ(ପ୍ରଶାନ୍ତ ମିଶ୍ର):** ଖଲ୍ଲିକୋଟ ବ୍ଲକ ପରିସରରେ ଏଆଇକେଏସ ଆଞ୍ଚଳିକ ସଭାପତି କନ୍ଧ ପ୍ରଧାନଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଥିଲା। ଜିଲା କୃଷକ ସଭାପତି ଶ୍ରୀହର୍ଷ ରଥ, ମନୋଜ ଗୌଡ଼, ରଘୁନାଥ ଗୌଡ଼, ଲକ୍ଷ୍ମୀ ଚରଣ ପାଣିଗ୍ରାହୀ, ଆଇନଜୀବୀ ଜୟରାମ ଦାଶ, ରବି ସ୍ୱାଇଁ, ଦୁର୍ଗାଚରଣ ପାତ୍ର ସମେତ ଶତାଧିକ ଯୋଗଦେଇଥିଲେ।

**ଦିଗପହଣ୍ଡି (ଅଶେଷନାଥ ମିଶ୍ର):** ଦିଗପହଣ୍ଡି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଥିଲା। ସିପିଆଇ ବଡ଼ ଖେମୁଣ୍ଡି ଜୋନାଲ କମିଟି ସମ୍ପାଦକ କିଶୋର ଶତପଥିଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ସିପିଆଇ ନେତା ବୃନ୍ଦାବନ ପଣ୍ଡା, ଅଳକ ନାଥ ମିଶ୍ର, ଆର. ଦୈତାରି ରେଡ୍ଡୀ, ମୂଷା ବେହେରା, ରମେଶ ଭୂୟାଁ, ତପନ କୁମାର ମିଶ୍ର, ପ୍ରକାଶ ସେଠୀ, ଅଶୋକ ସେଠୀ, କାହ୍ନୁଚରଣ ଗୌଡ, କାଲୁ ଗୌଡ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସଙ୍କୁ ଦାବି ପତ୍ର ପ୍ରଦାନ କରାଯାଇଥିଲା।

